# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୦.୦୧.୨୦୨୩ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ପୂଜା ମହାରଣା,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୫. ଶ୍ରୀମତୀ ସୁଜାତା ଛୋଟରାୟ

ଅଦ୍ୟ ତା ୨୦.୦୧.୨୦୨୩ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଆପୋଲୋ ହସ୍ପିଟାଲ୍ ନିକଟସ୍ଥ ଦୂରଦର୍ଶନ ପାର୍ଶ୍ୱଗଳି ରାସ୍ତାରେ On Street Parking କରିବା ପାଇଁ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧(୩) ତା ୧୯.୧୦.୨୦୨୨ ରିଖରେ ନିଷ୍ପତି ନେଇଥିଲେ ତାହା ଏପର୍ଯ୍ୟନ୍ତ ହୋଇନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କଲେ । ଏହା ଉପରେ ZDC, (North) ଶୀଘ୍ର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା- ୧(୨) ତା ୧୫.୧୨.୨୦୨୨ ରିଖରେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ ମଧ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ, ତେଣୁ ଏହା ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳ, ସହିଦନଗର ସ୍ଥିତ ଜଗନ୍ନାଥ ନର୍ସିଙ୍ଗ୍ ହୋମ୍ ଓ ସ୍ୱର୍ଣ୍ଣ ହସ୍ପିଟାଲ୍ ନିକଟରେ ଗାଡ଼ି ରଖିବା ପାଇଁ ପାର୍କିଙ୍ଗ୍ ବ୍ୟବସ୍ଥା ନଥିବାରୁ ସେଠାକୁ ଯାଉଥିବା ଲୋକମାନେ ଗାଡ଼ି ଗୁଡ଼ିକ ରାସ୍ତା ଉପରେ ରଖୁଛନ୍ତି ଫଳରେ ଜନସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି ହେଉଅଛି, ସେଠାରେ ପାର୍କିଂ ସ୍ଥଳ ନିଲାମ ହୋଇଅଛି କି ନାହିଁ, ଉକ୍ତ ହସ୍ପିଟାଲ୍ ର Commercial Holding Tax ହୋଇଛି କି ନାହିଁ ଏବଂ ଘରର ପ୍ଲାନ୍ Commercial basis ରେ ଅନୁମୋଦନ ହୋଇଛି ନା ନାହିଁ ଜୋନାଲ୍ ଡ଼େପୁଟି କମିଶନର (ଦକ୍ଷିଣ-ପୂର୍ବ) କ୍ଷେତ୍ର ପରିଦର୍ଶନ କରି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୱାର୍ଡ଼ ନଂ-୧୭ ସ୍ଥିତ ସତ୍‌ସଙ୍ଗ ବିହାର ନିକଟରେ ପାର୍କିଂ ବ୍ୟବସ୍ଥା ନଥିବାରୁ ଗାଡ଼ି ଗୁଡ଼ିକ ରାସ୍ତା ଉପରେ ରଖୁଥିବାରୁ ଜନସାଧାରଣ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ଜୋନାଲ୍ ଡ଼େପୁଟି କମିଶନର (ଉତର) ଉକ୍ତ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୨୦.୦୧.୨୦୨୩ ରିଖ